ଭବାନୀପୁର ବ୍ୟାଙ୍କ କାରବାର ନିଗମ, ଲିମିଟେଡ଼

ବନାମ

ଗୌରୀ ଶଙ୍କର ଶର୍ମା

1950

*ମାର୍ଚ୍ଚ 14.*

[ପ୍ରଧାନ ନ୍ୟାୟାଧୀଶ ଶ୍ରୀ ହରିଲାଲ୍ କାନିୟା, ସୈୟଦ୍ ଫଜଲ୍ ଅଲ୍ଲୀ, ପତଞ୍ଜଳି ଶାସ୍ତ୍ରୀ, ମେହେର ଚାନ୍ଦ ମହାଜନ, ମୁଖାର୍ଜୀୟା ଏବଂ ଏସ୍. ଆର୍. ଦାସ, ନ୍ୟାୟମୂର୍ତ୍ତିବୃନ୍ଦ]

*ପରିସୀମା ଅଧିନିୟମ (1908ର IX), ଅନୁଚ୍ଛେଦ 182, ଖଣ୍ଡ 2 ଏବଂ 3 – ଡିକ୍ରିର କାର୍ଯ୍ୟକାରିତା - ସୀମା - ଆରମ୍ଭ ବିନ୍ଦୁ - "ଯେଉଁଠାରେ ଏକ ସମୀକ୍ଷା ହୋଇଛି", ଏହାର ଅର୍ଥ - ବେଙ୍ଗଲ ମହାଜନ ଅଧିନିୟମର ଧାରା 36 ଅଧୀନରେ ଡିକ୍ରି ପୁନର୍ବାର ଖୋଲିବା ପାଇଁ ଆବେଦନ ଯାହାକି ବ୍ୟତିକ୍ରମ ପାଇଁ ଖାରଜ ହୋଇଛି ଏବଂ ଖାରଜ ଆଦେଶରୁ ପୁନର୍ବିଚାର ପାଇଁ ଆବେଦନ - ଡିକ୍ରି କାର୍ଯ୍ୟକାରୀ ନିମିତ୍ତ ସୀମାବଦ୍ଧତା ପାଇଁ ସାନି ଆରମ୍ଭ ଦେବା ଉଚିତ୍ କି - ଅନୁଚ୍ଛେଦ 182, ଖଣ୍ଡ 2 ଏବଂ 3ର ବ୍ୟାଖ୍ୟା ।*

ଏକ ବନ୍ଧକ ଉପରେ ଏକ ପ୍ରାଥମିକ ଡିକ୍ରି 21 ଅଗଷ୍ଟ, 1940ରେ *ଏକ ତରଫା* ପାରିତ ହୋଇଥିଲା । ଡିକ୍ରିକୁ ପୁନର୍ବାର ଆରମ୍ଭ କରିବା ପାଇଁ ଆଇନସିଦ୍ଧ ଋଣୀ ବେଙ୍ଗଲ ମହାଜନ ଅଧିନିୟମର ଧାରା 36 ଅଧୀନରେ ଏକ ଆବେଦନ କରିଥିଲେ ଏବଂ ହାଜର ହେବାରେ ବିଫଳତା ପାଇଁ ଆବେଦନକୁ 20 ଡିସେମ୍ବର, 1941ରେ ଖାରଜ କରାଯାଇଥିଲା ଏବଂ ଏହି ଆବେଦନକୁ ପୁନରୁଦ୍ଧାର କରିବା ପାଇଁ C.P.C.ର ଆଦେଶ IX, ନିୟମ 9, ଅଧୀନରେ କରାଯାଇଥିବା ଏକ ଆବେଦନକୁ ମଧ୍ଯ 1 ଜୁନ୍, 1942 ରେ ଖାରଜ କରାଯାଇଥିଲା । ଇତିମଧ୍ୟରେ ଡିସେମ୍ବର 22, 1941ରେ ଏକ ଚୂଡ଼ାନ୍ତ ଡିକ୍ରିନାମା ପାରିତ ହୋଇଥିଲା । C.P.C.ର ଆଦେଶ IX, ନିୟମ 9, ଅଧୀନରେ ତାଙ୍କ ଆବେଦନର ଖାରଜ ଆଦେଶ ଉପରେ ଆଇନସିଦ୍ଧ ଋଣୀ ଏକ ପୁନର୍ବିଚାର ଆବେଦନ ଦାୟର କରିଥିଲେ ଏବଂ ଏହି ଆବେଦନକୁ ଜୁଲାଇ 3, 1944ରେ ମକଦ୍ଦମା ନ ଚଳାଇବା କାରଣରୁ ଖାରଜ କରାଯାଇଥିଲା । 9 ଏପ୍ରିଲ, 1945ରେ, ଡିକ୍ରିଧାରକ ଡିକ୍ରି କାର୍ଯ୍ୟକାରୀ କରିବା ପାଇଁ ଆବେଦନ କରିଥିଲେ:

*ନିର୍ଣ୍ଣୟ ହେଲା ଯେ,* ଭାରତୀୟ ସୀମା ଅଧିନିୟମ, 1908ର ଅନୁଚ୍ଛେଦ 182ରେ "ସମୀକ୍ଷା" ଶବ୍ଦଟି ବ୍ୟାପକ ଅର୍ଥରେ ବ୍ୟବହୃତ ହୋଇଛି ଓ ବେଙ୍ଗଲ ମହାଜନ ଅଧିନିୟମର ଅନୁଚ୍ଛେଦ 182 ଅଧୀନରେ ହୋଇଥିବା ଆବେଦନଟି ଏକ ସମୀକ୍ଷା ଆବେଦନ ଥିଲା ବୋଲି ଧରାଯାଇଥିଲେ ସୁଦ୍ଧା ଅନୁଚ୍ଛେଦ 182ର ଖଣ୍ଡ 3 ଟି ଏହି ମାମଲାରେ ସେତେଟା ପ୍ରଯୁଜ୍ୟ ନଥିଲା

1950
*ଭବାନୀପୁର ବ୍ୟାଙ୍କ କାରବାର ନିଗମ ଲିମିଟେଡ୍ ବନାମ ଗୌରୀ ଶଙ୍କର ଶର୍ମା*

ଯେତିକି ଧାରା 36 ଅଧୀନରେ ବ୍ୟତିକ୍ରମ ପାଇଁ ଖାରଜ ହେତୁ ନ୍ୟାୟାଳୟ ଏହି ପ୍ରଶ୍ନ ଉପରେ ନିଜର ବିବେକ ପ୍ରୟୋଗ କରିବାର କୌଣସି ସୁଯୋଗ ପାଇନଥିଲେ ଯେ ଡିକ୍ରି ପୁନର୍ବାର ଖୋଲାଯାଇପାରିବ କି କିମ୍ବା ଖୋଲାହେବା ଉଚିତ୍ କି ଏବଂ ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଉକ୍ତ ଖଣ୍ଡର ଅର୍ଥ ମଧ୍ୟରେ ଡିକ୍ରିଟିର "ସମୀକ୍ଷା କରାଯାଇଛି" ।

*ଏହା* ମଧ୍ୟ କୁହାଯାଇଥିଲା ଯେ ଅନୁଚ୍ଛେଦ 182ର ଖଣ୍ଡ 2ରେ ଥିବା ଶବ୍ଦ "ଯେଉଁଠାରେ ଏକ ପୁନର୍ବିଚାର ପାଇଁ ଆବେଦନ କରାଯାଇଛି" କୁ ଧାରାର ପ୍ରଥମ ସ୍ତମ୍ଭରେ ଥିବା "ଏକ ଡିକ୍ରି କିମ୍ବା ଆଦେଶର କାର୍ଯ୍ୟକାରିତା ପାଇଁ" ସହିତ ପଠନ କରିବା ଆବଶ୍ୟକ ଏବଂ ଏହି ତଥ୍ୟ ଯେ ମହାଜନ ଅଧିନିୟମର ଧାରା 36 ଅଧୀନରେ କାର୍ଯ୍ୟାନୁଷ୍ଠାନ ସହିତ ଜଡ଼ିତ ଥିବା, ଆଦେଶ IX, ନିୟମ 9, ଅନୁଯାୟୀ ହୋଇଥିବା ଆବେଦନଟିକୁ ଖାରଜ କରି ପାରିତ ହୋଇଥିବା ଆଦେଶରୁ ଏକ ଆବେଦନ, ଅନୁଚ୍ଛେଦ 182, ଖଣ୍ଡ 2 ଅଧୀନରେ ସୀମାବଦ୍ଧତା ପାଇଁ ନୂତନ ପ୍ରାରମ୍ଭିକ ବିନ୍ଦୁ ଦେଇପାରିଲାନାହିଁ ।

କଲିକତା ଉଚ୍ଚ ନ୍ୟାୟାଳୟରୁ ଆବେଦନ: ଦେୱାନୀ ଆବେଦନ ସଂଖ୍ୟା LI/1949

ଆବେଦନକାରୀଙ୍କ ପକ୍ଷରୁ *ମନୋହର ଲାଲ,* ( ତାଙ୍କ ସହିତ *ଏଚ.* କେ. ମିତ୍ତର), ।

ଉତ୍ତରଦାତାଙ୍କ ପକ୍ଷରୁ *ବି. ସି. ମିତ୍ତର ।*

1950 ମାର୍ଚ୍ଚ 14 । ନ୍ୟାୟମୂର୍ତ୍ତି ଫଜଲ୍ ଅଲିଙ୍କ ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା-

*ନ୍ୟାୟମୂର୍ତ୍ତି ଫଜଲ୍ ଅଲ୍ଲୀ*

ଏହି ପୁନର୍ବିଚାର ଆବେଦନରେ ନିଷ୍ପତ୍ତି ନେବାକୁ ଥିବା ଏକମାତ୍ର ପ୍ରଶ୍ନ ଯାହା ଏକ କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ହୁଏ, ତାହା ହେଉଛି ସମ୍ପାଦନ ଅଧୀନରେ ଥିବା ଡିକ୍ରି ତମାଦି ହୋଇଛି କି । ପ୍ରଥମ ଅଦାଲତ କହିଛନ୍ତି ଯେ ଏହି ଡିକ୍ରି ତମାଦି ହୋଇନାହିଁ, କିନ୍ତୁ ହାଇକୋର୍ଟ ବିପରୀତ ଉପସଂହାରରେ ପହଞ୍ଚିଛନ୍ତି, ଏବଂ ଡିକ୍ରି ଧାରକ ଦେୱାନୀ ପ୍ରକ୍ରିୟା ସଂହିତା ଅଧୀନରେ ଥିବା ଧାରା 110 ଅନୁଯାୟୀ ଏକ ପ୍ରମାଣପତ୍ର ହାସଲ କରିବା ପରେ, ଏହି ଅଦାଲତକୁ ଆବେଦନ କରିଛନ୍ତି ।

ତଥ୍ୟଗୁଡ଼ିକୁ ନିମ୍ନମତେ ସଂକ୍ଷେପରେ କୁହାଯାଇପାରେ । 21 ଅଗଷ୍ଟ, 1940ରେ, ବନ୍ଧକ ଲାଗୁ କରିବା ପାଇଁ ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ଏକ ମକଦ୍ଦମାରେ ଏକ ପ୍ରାଥମିକ ବନ୍ଧକ ଡିକ୍ରି ଏକ ତରଫା ପାରିତ ହୋଇଥିଲା । 19 ସେପ୍ଟେମ୍ବର,1940ରେ, ଆଇନସିଦ୍ଧ ଋଣୀ ଦେୱାନୀ

ପ୍ରକ୍ରିୟା ସଂହିତା ଆଦେଶ IX, ନିୟମ 13 ଅନୁଯାୟୀ ଏକ ତରଫା ଡିକ୍ରି ରଦ୍ଦ କରିବା ପାଇଁ ଆବେଦନ କରିଥିଲେ, କିନ୍ତୁ ଏହି ଆବେଦନକୁ 7 ଜୁନ୍, 1941ରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । 11 ଜୁଲାଇ, 1941ରେ, ଆଇନସିଦ୍ଧ ଋଣୀ ବେଙ୍ଗଲ ମହାଜନ ଅଧିନିୟମର ଧାରା 36 ଅନୁଯାୟୀ, ପ୍ରାଥମିକ ଡିକ୍ରି ପୁନର୍ବାର ଆରମ୍ଭ କରିବା ପାଇଁ ଏକ ଆବେଦନ ଦାୟର କରିଥିଲେ, କିନ୍ତୁ ଏହି ଆବେଦନ 20 ଡିସେମ୍ବର, 1941ରେ ଅନୁପସ୍ଥିତି କାରଣରୁ ଖାରଜ ହୋଇଯାଇଥିଲା । ଏହା ପରେ, 22 ଡିସେମ୍ବରରେ ଆବେଦନକାରୀଙ୍କ ସପକ୍ଷରେ ଏକ ଚୂଡ଼ାନ୍ତ ବନ୍ଧକ ଡିକ୍ରି ପାରିତ ହୋଇଥିଲା । ଏହାପରେ ଆଇନସିଦ୍ଧ ଋଣୀ ମହାଜନ ଅଧିନିୟମର ଧାରା 36 ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ପୁନରୁଦ୍ଧାର ପାଇଁ ଦେୱାନୀ ପ୍ରକ୍ରିୟା ସଂହିତା, ଆଦେଶ IX, ନିୟମ 9 ଅନୁଯାୟୀ ଏକ ଆବେଦନ କରିଥିଲେ । ତେବେ 1 ଜୁନ୍, 1942ରେ ଆବେଦନକୁ ଉଭୟ ଭିତ୍ତିରେ ଖାରଜ କରାଯାଇଥିଲା ଯେ ଦରଖାସ୍ତକାରୀଙ୍କ ଅନୁପସ୍ଥିତିର କୌଣସି ପର୍ଯ୍ୟାପ୍ତ କାରଣ ନାହିଁ ଏବଂ କାର୍ଯ୍ୟାନୁଷ୍ଠାନରେ ପଦକ୍ଷେପ ନେବାରେ ସେ ବିଫଳ ଥିଲେ ଏବଂ ଚୂଡ଼ାନ୍ତ ଡିକ୍ରି ପାରିତ ହେବା ପରେ ପ୍ରାଥମିକ ଡିକ୍ରି ପୁନର୍ବାର ଆରମ୍ଭ କରିବା ଦ୍ୱାରା କୌଣସି ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ଏହାପରେ ଆଇନସିଦ୍ଧ ଋଣୀ ଆଦେଶ IX, ନିୟମ 9 ଅନୁଯାୟୀ ତାଙ୍କ ଆବେଦନକୁ ଖାରଜ କରିବାର ଆଦେଶ ଉପରେ କଲିକତା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାୟର କରିଥିଲେ, କିନ୍ତୁ ଜୁଲାଇ 3, 1944ରେ ମକଦ୍ଦମା ନ ଚଳାଇବା କାରଣ ରୁ ଆବେଦନକୁ ଖାରଜ କରାଯାଇଥିଲା । 9 ଏପ୍ରିଲ, 1945ରେ, ଆବେଦନକାରୀ ମୂଳ ଆଇନସିଦ୍ଧ ଋଣୀଙ୍କ ବିରୁଦ୍ଧରେ ଡିକ୍ରି କାର୍ଯ୍ୟକାରୀ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯଦିଓ ସେ ପୂର୍ବରୁ ମୃତ୍ୟୁବରଣ କରିଥିଲେ, ଏବଂ ଏହି ଆବେଦନ 11 ମେ, 1945ରେ ଅନୁପସ୍ଥିତି ପାଇଁ ଖାରଜ ହୋଇଯାଇଥିଲା । ଜୁନ୍ 2, 1945ରେ ନିଷ୍ପାଦନ କାର୍ଯ୍ୟକାରୀ କରିବା ପାଇଁ ବର୍ତ୍ତମାନର ଆବେଦନ ଦାଖଲ କରାଯାଇଥିଲା, ଏବଂ ଏହି ଆବେଦନ ଠିକ୍ ସମୟରେ ହୋଇଛି କି ନାହିଁ ପ୍ରଶ୍ନଟି ଆମକୁ ସ୍ଥିର କରିବାକୁ ପଡ଼ିବ ।

ଏହା ସ୍ପଷ୍ଟ ଯେ ନିଷ୍ପାଦନ ପାଇଁ ଆବେଦନଟି ଚୂଡ଼ାନ୍ତ ଡିକ୍ରି ତାରିଖର ତିନି ବର୍ଷରୁ ଅଧିକ ସମୟ ପରେ କରାଯାଇଥିବାରୁ, ଏହାକୁ ତମାଦି ବୋଲି ଧରାଯିବା ଆବଶ୍ୟକ ,ନଚେତ୍, ଆମ ସମ୍ମୁଖରେ ଯୁକ୍ତିରଖା ଯାଇଥିବା ପରି, ଉକ୍ତ ମାମଲାଟି ଭାରତୀୟ ସୀମା ଅଧିନିୟମର ଅନୁଚ୍ଛେଦ 182 ର ଖଣ୍ଡ 2 କିମ୍ବା 3 ଅଧୀନରେ ଆସେ | ଏହି ଖଣ୍ଡଗୁଡ଼ିକ ଅଧୀନରେ, ଆବେଦନ କରିବାର ସମୟ ଆରମ୍ଭ ହୋଇଥାଏ-

"2. (ଯେଉଁଠାରେ ଏକ ପୁନର୍ବିଚାର ପାଇଁ ଆବେଦନ ହୋଇଛି) ଚୂଡ଼ାନ୍ତ ଡିକ୍ରିର ତାରିଖ କିମ୍ବା ପୁନର୍ବିଚାର ନ୍ୟାୟାଳୟର ଆଦେଶ, କିମ୍ବା ପୁନର୍ବିଚାର ପାଇଁ ଆବେଦନରପ୍ରତ୍ୟାହାର, କିମ୍ବା

3. (ଯେଉଁଠାରେ ରାୟର ଏକ ସମୀକ୍ଷା ପାଇଁ ହୋଇଛି) ସମୀକ୍ଷା ଉପରେ ନିର୍ଣ୍ଣୟର ତାରିଖ...."

ଏହା ଯୁକ୍ତି କରାଯାଇଛି ଯେ ଏହି ମାମଲାଟି ଖଣ୍ଡ 3ର ଅନ୍ତର୍ଭୁକ୍ତ, ଏବଂ ଏହି ଯୁକ୍ତିର ସମର୍ଥନରେ ଦିଆଯାଇଥିବା ଭିତ୍ତି ଏହା ହେଉଛି ଯେ ମହାଜନ ଅଧିନିୟମର ଧାରା 36 ଅନୁଯାୟୀ ପ୍ରାଥମିକ ବନ୍ଧକ ଡିକ୍ରିକୁ ପୁନର୍ବାର ଖୋଲିବା ପାଇଁ ଆଇନସିଦ୍ଧ ଋଣୀଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ସମୀକ୍ଷା ପାଇଁ କରାଯାଉଥିବା ଏକ ଆବେଦନ ଭାବରେ ବିବେଚନା କରାଯିବା ଆବଶ୍ୟକ ଏବଂ ସେହି ଆବେଦନ ସହିତ ଜଡିତ କାର୍ଯ୍ୟାନୁଷ୍ଠାନରେ ଚୂଡ଼ାନ୍ତ ଆଦେଶ ପାରିତ ହେବା ତାରିଖ ଠାରୁ ସମୟ ବିବେଚନା କରିବା ଉଚିତ୍ । ଆମ ମତରେ, ଏହି ଯୁକ୍ତିରେ କୌଣସି ସାରବତ୍ତା ନାହିଁ । ଅନୁଚ୍ଛେଦ 182ର ଧାରା 3ରେ ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକ ହେଲା : (1) " ଯେଉଁଠାରେ ଏକ ସମୀକ୍ଷା ହୋଇଛି " ଏବଂ (2)" ସମୀକ୍ଷା ଉପରେ ନିଆଯାଇଥିବା ନିର୍ଣ୍ଣୟ "। ଏହି ଶବ୍ଦଗୁଡ଼ିକ ଦର୍ଶାଏ ଯେ ଅନୁଚ୍ଛେଦ 182, ଖଣ୍ଡ 3 ଅଧୀନରେ ଏକ ମାମଲା ଅଣାଯିବା ପୂର୍ବରୁ, ପ୍ରଥମେ ଏହା ଦର୍ଶାଇବାକୁ ପଡିବ ଯେ କୋର୍ଟ ପ୍ରାସଙ୍ଗିକ ଡିକ୍ରି କିମ୍ବା ଆଦେଶ ସମୀକ୍ଷା କରିବାକୁ ଚେଷ୍ଟାୟୀତ ଥିଲେ ଏବଂ ଦ୍ୱିତୀୟରେ, ଏହି ସମୀକ୍ଷା ଉପରେ ଏକ ନିର୍ଣ୍ଣୟ ନିଆଯାଇଛି । ବର୍ତ୍ତମାନର ମାମଲାରେ, ଯଦିଓ ଏହା ଧରି ନିଆଯାଏ ଯେ ଅନୁଚ୍ଛେଦ 182ରେ "ସମୀକ୍ଷା" ଶବ୍ଦଟି ଏକ ବୃହତ ଅର୍ଥରେ ବ୍ୟବହୃତ ହୋଇଛି ଏବଂ ବେଙ୍ଗଲ ମହାଜନ ଅଧିନିୟମର ଧାରା 36 ଅନୁଯାୟୀ ଡିକ୍ରିକୁ ପୁନର୍ବାର ଆରମ୍ଭ କରିବା ପାଇଁ କରାଯାଇଥିବା ଆବେଦନଟି ଏକ ସମୀକ୍ଷା ଆବେଦନ ଥିଲା, ଆବେଦନକାରୀ ସଫଳ ହୋଇପାରିବେ ନାହିଁ, କାରଣ ନ୍ୟାୟାଳୟ କେବେବି ସମ୍ପୃକ୍ତ ଡିକ୍ରି ସମୀକ୍ଷା କରିବାକୁ ଗ୍ରହଣ କରିନଥିଲେ କିମ୍ବା ଉଦ୍ଦେଶ୍ୟ ରଖି ନଥିଲେ | ପ୍ରକୃତରେ ଯାହା ଘଟିଥିଲା ତାହା ହେଉଛି, ଧାରା 36 ଅନୁଯାୟୀ ପୁନର୍ବାର ଆରମ୍ଭ କରିବା ପାଇଁ ପ୍ରାଥମିକ ଡିକ୍ରିର ଆବେଦନଟିକୁ (କାର୍ଯ୍ୟକାରୀ କରିବାକୁ ଚାହୁଁଥିବା ଡିକ୍ରି ଯାହା ଚୂଡ଼ାନ୍ତ ଡିକ୍ରି ନୁହେଁ ) ଅନୁପସ୍ଥିତି ପାଇଁ ଖାରଜ କରାଯାଇଥିଲା ଏବଂ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ IX, ନିୟମ 9 ଅଧୀନରେ ହୋଇଥିବା ଆବେଦନ ଯାହାକି ମହାଜନ ଅଧିନିୟମର ଧାରା 36 ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ପୁନରୁଦ୍ଧାର ବିଷୟରେ ଅଟେ, ଏହାକୁ ମଧ୍ୟ ଖାରଜ କରାଯାଇଥିଲା । ଯଦିଓ ଏହା ଅଣଦେଖା କରାଯାଏ ଯେ ଧାରା 36 ଅଧୀନରେ ହୋଇଥିବା ଆଇନସିଦ୍ଧ ଋଣୀଙ୍କ ଆବେଦନଟି

ପ୍ରାଥମିକ ବନ୍ଧକ ଡିକ୍ରି ବିରୁଦ୍ଧରେ ହୋଇଥିଲା ଏବଂ ଉକ୍ତ ଆବେଦନଟି ଅନୁପସ୍ଥିତି ପାଇଁ ଖାରଜ ହୋଇଥିଲା, ନ୍ୟାୟାଳୟ ଏହି ପ୍ରଶ୍ନ ଉପରେ ନିଜର ବିବେକ ପ୍ରୟୋଗ କରିବାର କୌଣସି ସୁଯୋଗ ପାଇନଥିଲେ ଯେ ଡିକ୍ରି ପୁନର୍ବାର ଆରମ୍ଭ କରାଯାଇପାରିବ କି କିମ୍ବା ଆରମ୍ଭ କରିବା ଉଚିତ୍ କି ଏବଂ ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଡିକ୍ରିଟିର " ସମୀକ୍ଷା କରାଯାଇଛି "। ଦେବାନୀ ପ୍ରକ୍ରିୟା ସଂହିତା, 1950ର ଆଦେଶ II, ନିୟମ 9 ଅନୁଯାୟୀ କାର୍ଯ୍ୟାନୁଷ୍ଠାନଗୁଡିକ ବର୍ତ୍ତମାନ ଆଲୋଚନାର ବିଷୟବସ୍ତୁ ନୁହେଁ, କାରଣ କାର୍ଯ୍ୟକାରୀ ଅଧୀନରେ ଡିକ୍ରୀର ସମୀକ୍ଷା ଏଥିରେ ଅନ୍ତର୍ଭୁକ୍ତ ନୁହେଁ, ବରଂ ଆଇନସିଦ୍ଧ ଋଣୀଙ୍କ ଅନୁଯାୟୀ ଧାରା 36 ଅଧୀନରେ ଅନୁପସ୍ଥିତି କାରଣରୁ ଖାରଜ ଆଦେଶର ଆବେଦନର ଏକ ସମୀକ୍ଷା ଅଟେ, ଯଦି ଏହାକୁ କୌଣସି ମତେ ସମୀକ୍ଷା କହିହେବ (ଯାହା ଆମ ମତ ରେ ଏହା ନୁହେଁ ) ।

ବିଜ୍ଞ ଓକିଲଙ୍କ ଦ୍ଵାରା ଆବେଦନକାରୀଙ୍କୁ ଏହି ପରାମର୍ଶ ଦିଆଯାଇଥିଲା ଯେ ଏହି ମାମଲାଟି ଅନୁଚ୍ଛେଦ 182 ର ଖଣ୍ଡ 2 ଦ୍ଵାରା ଅନ୍ତର୍ଭୁକ୍ତ ବୋଲି ଧରାଯାଇପାରିବ, ଏହି ଆଧାରରେ ଯେ ଯଦିଓ ଚୂଡ଼ାନ୍ତ ବନ୍ଧକ ଡିକ୍ରିରୁ କୌଣସି ପୁନର୍ବିଚାର ପାଇଁ ଆବେଦନ ଦାୟର ହୋଇନାହିଁ, " ଯେଉଁଠାରେ ଏକ ଆବେଦନ କରାଯାଇଛି " ଶବ୍ଦଗୁଡ଼ିକ ଏହି ମାମଲାରେ ଅନ୍ତର୍ଭୁକ୍ତ କରିବା ପାଇଁ ଯଥେଷ୍ଟ ବ୍ୟାପକ ଅଟେ, ଯାହା ଦେୱାନୀ ପ୍ରକ୍ରିୟା ସଂହିତା, ଆଦେଶ IX, ନିୟମ 9 ଅନୁଯାୟୀ ଆବେଦନର ଖାରଜ ସମ୍ବନ୍ଧୀୟ ଅଟେ ଯାହାକି ମହାଜନ ଅଧିନିୟମର ଧାରା 36 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ମଧ୍ୟ ଜଡ଼ିତ | ଏହି ତର୍କ ମଧ୍ୟ ଅତ୍ୟନ୍ତ ସୁଦୂରପ୍ରସାରୀ, କାରଣ " ଯେଉଁଠାରେ ଏକ ଆବେଦନ କରାଯାଇଛି " ଅଭିବ୍ୟକ୍ତିଟି ଅନୁଚ୍ଛେଦ 182ର ସ୍ତମ୍ଭ 1ରେ ଥିବା ଶବ୍ଦଗୁଡ଼ିକ ସହିତ ପଢିବା ଆବଶ୍ୟକ, ଅର୍ଥାତ୍, "କୌଣସି ଦେୱାନୀ ନ୍ୟାୟାଳୟର ଏକ ଡିକ୍ରି କିମ୍ବା ଡିକ୍ରିର କାର୍ଯ୍ୟକାରିତା ପାଇଁ.......", ଏବଂ, ଆମେ ଏହାକୁ ଯଥାମତେ ବ୍ୟାପକ ଭାବରେ ଅର୍ଥ କଲେ ମଧ୍ୟ, ଏକ ସହପାର୍ଶ୍ୱିକ କାର୍ଯ୍ୟାନୁଷ୍ଠାନରେ ପାରିତ ହୋଇଥିବା ଆଦେଶ ଏକ ଆବେଦନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଧରାଯାଇପାରିବ ନାହିଁ କିମ୍ବା ଯାହାର କାର୍ଯ୍ୟକାରୀ ହେଉଥିବା ଡିକ୍ରି ସହିତ କୌଣସି ପ୍ରତ୍ୟକ୍ଷ କିମ୍ବା ତୁରନ୍ତ ସମ୍ପର୍କ ନାହିଁ|

ଆମ ମତରେ, ଏହି ଆବେଦନରେ କୌଣସି ସାରବତ୍ତା ନାହିଁ, ଏବଂ ସେହି ଅନୁଯାୟୀ ଆମେ ଏହାକୁ ଖର୍ଚ୍ଚ ସହିତ ଖାରଜ କରୁଅଛୁ ।

*ଆବେଦନ ଖାରଜ ହେଲା ।*

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: ପି. କେ. *ଚାଟାର୍ଜୀ ।*

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: *ଆର୍. ଆର୍. ବିଶ୍ୱାସ* ।

**ଅସ୍ୱୀକରଣ**

" ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ